ସୂର୍ଯ୍ୟପ୍ରଭା
SURYAPRAVA

27th Dec, 2020

# ଆଇଆଇଟିରେ ଫିଟ ଇଣ୍ଡିଆ ସାଇକ୍ଲୋଥନ ଅନୁଷ୍ଠିତ

।।ପ୍ରଭାନ୍ୟୁଜ।। ଜଟଣୀ, ୨୬।୧୨ : ଜଟଣୀସ୍ଥ ଆଇଆଇଟି କ୍ୟାମ୍ପସରେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ ଫିଟ ଇଣ୍ଡିଆ ମିଶନର ଅଂଶବିଶେଷ ଭାବେ ଏକ ସାଇକ୍ଲୋଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ପ୍ରଫେସର୍ ରତ୍ନମ ଭି ରାଜକୁମାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ଏହାର ନିର୍ଦ୍ଦେଶକ ରାଜକୁମାର କହିଛନ୍ତି ଯେ ଗୁଣବତ୍ତା ଜୀବନ ଯାପନ ପାଇଁ ପ୍ରତ୍ୟେକ ନାଗରିକଙ୍କ ଶାରୀରିକ ଓ ମାନସିକ ଫିଟନେସ ରହିବା ନିତ୍ୟାନ୍ତ ଜରୁରୀ, ସାଇକଲ୍ ଚାଳନା ପରମ୍ପରା ଉପରେ ଗୁରୁ ଦେବା ସହ ନିୟମିତ ଖେଳକୁଦ ଓ ଯୋଗର ଅଭ୍ୟାସ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ସଂସଦୀୟ ବ୍ୟାପାର ଡିନ୍ ପ୍ରଫେସର ଭି ଆର୍ ପେଡି ରେଡି, ଅତିରିକ୍ତ ରେଜିଷ୍ଟ୍ରର୍ ଦେବରାଜ ରଥ, ଡ଼ ଶଙ୍କର୍ଷଣ ମହାପାତ୍ର, ଷ୍ଟୁଡେଣ୍ଟ ଜିମ୍ ଖାନା ଓ ଖେଳକୁଦ ପ୍ରଶିକ୍ଷକ ଡ ଓଲିଭ ରାୟ ଏବଂ ଡ଼ ଶ୍ରୀକାନ୍ତ ଗୋଲା ପୁଡ଼ି ଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।